# NATIONAL NEWS BULLETIN (ODIA)
## 21 September - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଷଷ୍ଠ ବାର୍ଷିକ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ତିନି ଦିନିଆ ଆମେରିକା ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ହିଂସାପଥ ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ବାମପନ୍ଥୀ ଉଗ୍ରବାଦୀଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଲେ ଆପ୍ ନେତ୍ରୀ ଆତିଶି ।
- ଦେଶର ପରବର୍ତ୍ତୀ ବାୟୁସେନା ମୁଖ୍ୟ ଭାବେ ଦାୟୀତ୍ୱ ନେବେ ଏୟାର୍ ମାର୍ସାଲ୍ ଅମରପ୍ରୀତି ସିଂହ ।

ଏବଂ

- ଚେନ୍ନାଇରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ଦ୍ୱିତୀୟ ଇନିଂସରେ ୪ ୱିକେଟ୍ ହରାଇ କରିଛି ୧୫୮ରନ୍ ।

# ପ୍ରଧାନମନ୍ତ୍ରୀ-ଆମେରିକା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଷଷ୍ଠ ବାର୍ଷିକ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ତିନି ଦିନିଆ ଆମେରିକା ଗସ୍ତ କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଭାରତ ଓ ଅଷ୍ଟ୍ରେଲିଆକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୱାଡ୍ ଶିଖର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ଠାରୁ ଆରମ୍ଭ କରି ବିଶ୍ୱରେ ଦେଖାଦେଉଥିବା ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ଜନିତ ସମସ୍ୟା ସମ୍ପର୍କରେ ଆଲୋଚନା ହେବାର ସମ୍ଭାବନା ରହିଛି । ଚଳିତ ସମ୍ମିଳନୀକୁ ଯୁକ୍ତରାଷ୍ଟ୍ର ଆମେରିକା ଆୟୋଜନ କରିଛି । ୨୦୨୫ ମସିହାରେ ଭାରତ ଏହି ଶିଖର ସମ୍ମିଳନୀ ଆୟୋଜନ କରିବ । ଏହି ତିନି ଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କର ଅଷ୍ଟ୍ରେଲିଆ ପ୍ରତିପକ୍ଷ ଅନ୍ଥୋନୀ ଆଲବାନିଜ୍ ଏବଂ ଜାପାନ୍ ପ୍ରତିପକ୍ଷ ଫୁମିଓ କିସିଦାଙ୍କ ସମେତ କ୍ୱାଡ୍ ସଦସ୍ୟ ଦେଶଗୁଡ଼ିକର ନେତୃବୃନ୍ଦଙ୍କ ସହିତ ପୃଥକ ପୃଥକ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଆମେରିକା ଗସ୍ତ ପୂର୍ବରୁ ଏକ ବିବୃତ୍ତିରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ଲାଗି ସମଭାବାପନ୍ନ ଦେଶଗୁଡ଼ିକ ମିଳିତ ଭାବେ ପ୍ରୟାସ କରିବା ଦିଗରେ କ୍ୱାଡ୍ ଫୋରମ୍ ଏକ ଉପଯୁକ୍ତ ମଞ୍ଚ । ଏହି ସମ୍ମିଳନୀ ଅବସରରେ ସେ

ତାଙ୍କର କ୍ୱାଡ୍ ସହଯୋଗୀଙ୍କ ସହିତ ଏକତ୍ରିତ ହୋଇ ଏହି ଲକ୍ଷ୍ୟ ହାସଲ ଦିଗରେ ପ୍ରୟାସ କରିବାର ଆଶାବ୍ୟକ୍ତ କରିଛନ୍ତି । ଏହାଛଡ଼ା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହିତ ତାଙ୍କର ଏହି ପରିପ୍ରେକ୍ଷୀରେ ହେବାକୁ ଥିବା ଆଲୋଚନା ମାଧ୍ୟମରେ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ସମନ୍ୱିତ ବୈଶ୍ୱିକ ରଣନୀତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ସହ ଏହାର ସମୀକ୍ଷା କରିବାର ଅବକାଶ ମିଳିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଅବସରରେ ନ୍ୟୁୟର୍କ ଠାରେ ବସବାସ କରୁଥିବା ଭାରତୀୟ ସମୂଦାୟ ଏବଂ ଆମେରିକାର ଅଗ୍ରଣୀ କମ୍ପାନୀ ଗୁଡ଼ିକର ସି.ଇ.ଓ.ମାନଙ୍କ ସହିତ ତାଙ୍କର ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଶ୍ରୀ ମୋଦୀ ନ୍ୟୁୟର୍କ ଠାରେ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ "ଭବିଷ୍ୟତ ପାଇଁ ସମ୍ମିଳନୀ" ଉପରେ ଉଦ୍‌ବୋଧନ ଦେବେ । ଏହି ଅଧିବେଶନର ବିଷୟବସ୍ତୁ ରହିଛି 'ଉତ୍ତମ ଭବିଷ୍ୟତ ଲାଗି ବହୁବିଧ ସମାଧାନ' । ମାନବିକତାର କଲ୍ୟାଣ ଲାଗି ଉପଯୁକ୍ତ ବିକାଶର ମାର୍ଗ ନିର୍ଦ୍ଧାରଣ କରିବା ଦିଗରେ ବିଶ୍ୱ ସମ୍ପ୍ରଦାୟ ନିକଟରେ ଏହା ଏକ ଉପଯୁକ୍ତ ସୁଯୋଗ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି ।

## ରାଷ୍ଟ୍ରପତି-ମିଟିଂ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନଠାରେ ଛତିଶଗଡ଼ର ବସ୍ତର ଅଞ୍ଚଳରେ ମାଓବାଦୀ ହିଂସା ଦ୍ୱାରା ପ୍ରଭାବିତ କେତେକ ବ୍ୟକ୍ତିଙ୍କୁ ଭେଟିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ହିଂସାର ପଥ ଅନୁସରଣ କଲେ ଜୀବନରେ କୌଣସି ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ ବରଂ ଏହା ସମଗ୍ର ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ । ହିଂସାପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହିତ ନିଜର ସମସ୍ତ ସମସ୍ୟା ସମାଧାନ କରିବା ଦିଗରେ ସରକାରଙ୍କୁ ସହଯୋଗ କରିବା ଲାଗି ଏହି ଅବସରରେ ରାଷ୍ଟ୍ରପତି ବାମପନ୍ଥୀ ଉଗ୍ରବାଦୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ଆତିଶି-ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ଆମ୍ ଆଦ୍‌ମୀ ପାର୍ଟିର ନେତ୍ରୀ ଆତିଶି ଆଜି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ଦିଲ୍ଲୀର ଉପରାଜ୍ୟପାଳ ଭି.କେ. ସାକ୍‌ସେନା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସ୍ଥାନୀୟ ରାଜନିବାସଠାରେ ଅନୁଷ୍ଠିତ ଏହି ଶପଥଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆପ୍ ନେତା ଗୋପାଲ ରାୟ, କୈଳାଶ ଗେହେଲଟ୍, ସୌରଭ ଭରଦ୍ୱାଜ, ଇମ୍ରାନ୍ ହୁସେନ ଓ ମୁକେଶ ଆହ୍ଲାୱାତ୍ ମଧ୍ୟ

କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଦିଲ୍ଲୀର କାଲକାଜି ବିଧାନସଭା ଆସନରୁ ବିଧାୟକ ରୂପେ ନିର୍ବାଚିତ ହୋଇଥିବା ଆତିଶି ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପୂର୍ବରୁ କଂଗ୍ରେସର ଶିଳା ଦିକ୍ଷିତ ଏବଂ ବିଜେପିର ସୁଷମା ସ୍ୱରାଜ ମଧ୍ୟ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିସାରିଛନ୍ତି । ଚଳିତ ସପ୍ତାହର ପ୍ରାରମ୍ଭରେ ଅରବିନ୍ଦ କେଜରିୱାଲ ତାଙ୍କର ମନ୍ତ୍ରିମଣ୍ଡଳ ସହିତ ଦିଲ୍ଲୀର ଉପରାଜ୍ୟପାଳଙ୍କ ନିକଟରେ ଇସ୍ତଫାପତ୍ର ପ୍ରଦାନ କରିସାରିଛନ୍ତି ।

## ଅମର ସିଂହ-ବାୟୁସେନା ମୁଖ୍ୟ

ଏୟାର୍ ମାର୍ସାଲ୍ ଅମରପ୍ରୀତ ସିଂହ ଦେଶର ପରବର୍ତ୍ତୀ ବାୟୁ ସେନା ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି । ବର୍ତ୍ତମାନ ବାୟୁସେନାର ଉପମୁଖ୍ୟ ରୂପେ କାର୍ଯ୍ୟ କରୁଥିବା ଶ୍ରୀ ସିଂହ ଆଗାମୀ ୩୦ ତାରିଖ ଅପରାହ୍ଣରେ ଏୟାର୍ ମାର୍ସାଲ୍ ବିବେକ ରାମ ଚୌଧୁରୀଙ୍କ ନିକଟରୁ ଏହି ନୂତନ ଦାୟୀତ୍ୱ ଗ୍ରହଣ କରିବେ । ୧୯୮୪ ମସିହା ଡିସେମ୍ବର ମାସରେ ଶ୍ରୀ ସିଂହ ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ । ବାୟୁସେନାରେ ୪୦ ବର୍ଷର ସେବା ଅବଧି ସମୟରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସଫଳତାର ସହ ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି ।

# ଅମିତ ଶାହା-ପୁଞ୍ଚ୍ ରାଲି

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ  ଦେଶର ସୁରକ୍ଷା ପ୍ରତି ଥିବା ପ୍ରତିଶ୍ରୁତିବଦ୍ଧତା ଲାଗି ପାକିସ୍ତାନ ଭୟଭୀତ ହୋଇପଡ଼ିଛି । ଯାହା ଫଳରେ ଜାମ୍ମୁ ସୀମାରେ ଅନେକ ଦିନ ଧରି ଅସ୍ତ୍ର ବିରତି ଉଲ୍ଲଙ୍ଘନ ହୋଇନାହିଁ ।

ଆମର ଜାମ୍ମୁ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ପୁଞ୍ଚ ଜିଲ୍ଲାର ମେନ୍ଧାର ଆସନ ଲାଗି ବିଜେପି ପ୍ରାର୍ଥୀ ମୂର୍ତ୍ତାଜା ଖାନ୍‌ଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିବା ସମୟରେ ଏକ ର୍‍ୟାଲିକୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଦେଶର ସୀମାନ୍ତ ଅଞ୍ଚଳ ଗୁଡ଼ିକ ଶାନ୍ତ ରହିଛି ଏବଂ ମେନ୍ଧାର ସମେତ ଅନ୍ୟାନ୍ୟ ସୀମାନ୍ତବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଜନସାଧାରଣ ଶାନ୍ତିରେ ବସବାସ କରିପାରୁଛନ୍ତି । ୧୯୯୦ ମସିହା ଠାରୁ ସନ୍ତ୍ରାସବାଦ କାର୍ଯ୍ୟକଳାପ ଲାଗି ଏହିସବୁ ସ୍ଥାନ ଗୁଡ଼ିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇପଡ଼ିଥିଲା ବୋଲି ଶ୍ରୀ ଶାହା କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ନ୍ୟାସନାଲ୍ କନ୍‌ଫରେନ୍ସ, ପି.ଡି.ପି. ଏବଂ କଂଗ୍ରେସ ଶାସନ ସମୟରେ ପାହାରିସ, ଗୁଜର୍ସ୍ ଏବଂ ବେକରୱାଲ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଥିଲେ । ଜାମ୍ମୁ କାଶ୍ମୀରରେ ଏହିସବୁ ସରକାରଙ୍କ ସମୟରେ ପଞ୍ଚାୟତ ବା ପୌର ନିର୍ବାଚନ ଅନୁଷ୍ଠିତ ହେଉନଥିଲା । ସେଥିଲାଗି ଜନସାଧାରଣ ନିଜ ଅଧିକାରରୁ ବଞ୍ଚିତ ହେଉଥିଲେ । ମାତ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର

କେନ୍ଦ୍ରରେ କ୍ଷମତାସୀନ ହେବାପରେ ବର୍ତ୍ତମାନ ୩୦ ହଜାରରୁ ଅଧିକ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ସ୍ତରୀୟ ଜନପ୍ରତିନିଧି ଗଣତନ୍ତ୍ରର ସୁଫଳ ଭୋଗ କରିବା ସହ ଜନସାଧାରଣ ମଧ୍ୟ ଏହାଦ୍ୱାରା ଉପକୃତ ହେଉଛନ୍ତି ବୋଲି ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି ।

## ଝାଡ଼ଖଣ୍ଡ-ରାଜନାଥ

ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଝାଡ଼ଖଣ୍ଡର ବିକାଶପଥରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଓ ରାଷ୍ଟ୍ରୀୟ ଜନତାଦଳ ବାଧା ସୃଷ୍ଟି କରୁଛନ୍ତି । ଆଜି ଝାଡ଼ଖଣ୍ଡର ଛାତ୍ରା ଅନ୍ତର୍ଗତ ଇତ୍‌ଖୋରି ଠାରେ ବିଜେପି ପକ୍ଷରୁ ଆୟୋଜିତ ପରିବର୍ତ୍ତନ ର୍‍ୟାଲିରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ ରାଜ୍ୟରେ ବୃଦ୍ଧି ପାଉଥିବା ଦୁର୍ନୀତି କାର୍ଯ୍ୟକଳାପ ଲାଗି ଜେ.ଏମ୍.ଏମ୍. ସରକାରଙ୍କୁ ଦାୟୀ କରିଛନ୍ତି । ସେ କହିଛନ୍ତି, ବିଜେପି ଜାତି, ଧର୍ମ କିମ୍ବା ବର୍ଣ୍ଣରେ ନୁହେଁ ବରଂ ନ୍ୟାୟର ରାଜନୀତିରେ ବିଶ୍ୱାସ କରେ । ଭାରତ କଦାପି କୌଣସି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ଗ୍ରହଣ କରିବ ନାହିଁ ବୋଲି ଶ୍ରୀ ସିଂହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଅମିତ ଶାହା-ପୁଞ୍ଚ୍ ରାଲି

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ  ଦେଶର ସୁରକ୍ଷା ପ୍ରତି ଥିବା ପ୍ରତିଶ୍ରୁତିବଦ୍ଧତା ଲାଗି ପାକିସ୍ତାନ ଭୟଭୀତ ହୋଇପଡ଼ିଛି । ଯାହା ଫଳରେ ଜାମ୍ମୁ ସୀମାରେ ଅନେକ ଦିନ ଧରି ଅସ୍ତ୍ର ବିରତି ଉଲ୍ଲଙ୍ଘନ ହୋଇନାହିଁ ।

ଆମର ଜାମ୍ମୁ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ପୁଞ୍ଚ ଜିଲ୍ଲାର ମେନ୍ଧାର ଆସନ ଲାଗି ବିଜେପି ପ୍ରାର୍ଥୀ ମୂର୍ତ୍ତାଜା ଖାନ୍‌ଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରିବା ସମୟରେ ଏକ ର୍‍ୟାଲିକୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଦେଶର ସୀମାନ୍ତ ଅଞ୍ଚଳ ଗୁଡ଼ିକ ଶାନ୍ତ ରହିଛି ଏବଂ ମେନ୍ଧାର ସମେତ ଅନ୍ୟାନ୍ୟ ସୀମାନ୍ତବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଜନସାଧାରଣ ଶାନ୍ତିରେ ବସବାସ କରିପାରୁଛନ୍ତି । ୧୯୯୦ ମସିହା ଠାରୁ ସନ୍ତ୍ରାସବାଦ କାର୍ଯ୍ୟକଳାପ ଲାଗି ଏହିସବୁ ସ୍ଥାନ ଗୁଡ଼ିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇପଡ଼ିଥିଲା ବୋଲି ଶ୍ରୀ ଶାହା କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ନ୍ୟାସନାଲ୍ କନ୍‌ଫରେନ୍ସ, ପି.ଡି.ପି. ଏବଂ କଂଗ୍ରେସ ଶାସନ ସମୟରେ ପାହାରିସ, ଗୁଜର୍ସ୍ ଏବଂ ବେକରୱାଲ୍ ସମ୍ପ୍ରଦାୟର ବ୍ୟକ୍ତିମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଥିଲେ । ଜାମ୍ମୁ କାଶ୍ମୀରରେ ଏହିସବୁ ସରକାରଙ୍କ ସମୟରେ ପଞ୍ଚାୟତ ବା ପୌର ନିର୍ବାଚନ ଅନୁଷ୍ଠିତ ହେଉନଥିଲା । ସେଥିଲାଗି ଜନସାଧାରଣ ନିଜ ଅଧିକାରରୁ ବଞ୍ଚିତ ହେଉଥିଲେ । ମାତ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର

କେନ୍ଦ୍ରରେ କ୍ଷମତାସୀନ ହେବାପରେ ବର୍ତ୍ତମାନ ୩୦ ହଜାରରୁ ଅଧିକ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ସ୍ତରୀୟ ଜନପ୍ରତିନିଧି ଗଣତନ୍ତ୍ରର ସୁଫଳ ଭୋଗ କରିବା ସହ ଜନସାଧାରଣ ମଧ୍ୟ ଏହାଦ୍ୱାରା ଉପକୃତ ହେଉଛନ୍ତି ବୋଲି ଶ୍ରୀ ଶାହା ମତବ୍ୟକ୍ତ କରିଛନ୍ତି ।

## ପଶ୍ଚିମବଙ୍ଗ-ଡକ୍ଟରସ୍

ପଶ୍ଚିମବଙ୍ଗରେ ଦୀର୍ଘ ୪୨ ଦିନର ଧର୍ମଘଟ ପରେ ସମସ୍ତ ମେଡିକାଲ କଲେଜ୍‌ରେ ଜୁନିୟର୍ ଡାକ୍ତରମାନେ ଜରୁରୀକାଳୀନ ସେବାରେ ଯୋଗ ଦେଇଛନ୍ତି । ସ୍ଥାନୀୟ ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ହୋଇଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାର ପ୍ରତିବାଦରେ ଏହି ଡାକ୍ତରମାନେ ଗତମାସ ୯ ତାରିଖରୁ ଧର୍ମଘଟ କରି ଆସୁଥିଲେ । ଇତିମଧ୍ୟରେ ସମସ୍ତ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ସୁରକ୍ଷା ଲାଗି ରାଜ୍ୟ ସରକାର ଏକ ୧୦ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

## ଶ୍ରୀଲଙ୍କା-ପ୍ରେସିଡେଣ୍ଟ ନିର୍ବାଚନ

ଶ୍ରୀଲଙ୍କାର ରାଷ୍ଟ୍ରପତି ନିର୍ବାଚନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ପ୍ରାଥମିକ ଆକଳନରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ

୭୫ରୁ ୮୦ ପ୍ରତିଶତ ମତଦାତା ଏହି ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଆଜି ସନ୍ଧ୍ୟାରେ ପୋଷ୍ଟାଲ ବାଲଟ ଗୁଡ଼ିକର ଗଣତି ଆରମ୍ଭ ହୋଇଛି ।  ବିଳମ୍ବିତ ରାତିରେ ଏହି ଗଣତିର ଫଳାଫଳ ଘୋଷଣା ହେବା ସହିତ ସମ୍ପୂର୍ଣ୍ଣ ଫଳାଫଳ ଆସନ୍ତାକାଲି ପ୍ରକାଶ ପାଇବ ବୋଲି ଶ୍ରୀଲଙ୍କାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଶ୍ରୀଲଙ୍କାର ରାଷ୍ଟ୍ରପତି ନିର୍ବାଚନରେ ପସନ୍ଦ ଯୋଗ୍ୟ ମତଦାନ କରାଯାଇଥାଏ । ପ୍ରତ୍ୟେକ ମତଦାତାଙ୍କୁ ଦେଶର ରାଷ୍ଟ୍ରପତିଙ୍କୁ ନିର୍ବାଚନ କରିବା ଲାଗି ତିନୋଟି ଲେଖାଏଁ ପସନ୍ଦ ପ୍ରାର୍ଥୀଙ୍କୁ ଚୟନ କରିବାକୁ ପଡ଼ିଥାଏ । ମୋଟ୍ ମତଦାତାଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଯୋଗ୍ୟ ମତଦାତା ପ୍ରଥମ ପସନ୍ଦ କରିଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷିତ କରାଯାଏ । ଯଦି ଏହା ସମ୍ଭବ ନ ହୁଏ ତେବେ ଦ୍ୱିତୀୟ ପସନ୍ଦର ପ୍ରତିଶତ ଗଣନା କରାଯାଏ । ଏହି ନିର୍ବାଚନରେ ୩୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏକ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଛି ।

## ବାଂଲାଦେଶ

ବାଂଲାଦେଶର ଚିତ୍ତାଗଙ୍ଗ ପାହାଡ଼ି ଜିଲ୍ଲା ଗୁଡ଼ିକରେ ଚାକ୍‌ମା ଓ ବଙ୍ଗାଳୀ ଅଧିବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗତକାଲି ଅପରାହ୍ଣରୁ ଖାଗ୍ରାଚାରୀ

ଓ ରାଙ୍ଗାମାଟି ସହରରେ ୧୪୪ ଧାରା ଜାରି କରାଯାଇଛି । ଇତିମଧ୍ୟରେ ଉତ୍ତେଜିତ ଲୋକମାନେ ଖାଗ୍ରାଚାରୀ ଓ ରାଙ୍ଗାମାଟି ଜିଲ୍ଲାରେ ସାମ୍ପ୍ରତିକ ଆକ୍ରମଣ ଓ ହିଂସାକୁ ବିରୋଧ କରି ଏକ ୭୨ ଘଣ୍ଟିଆ ଚିତ୍ତାଗଙ୍ଗ ବନ୍ଦ ଡାକରା ଦେଇଛନ୍ତି । ତେବେ ଏହି ଉତ୍ତେଜନାକୁ ପ୍ରସମିତ କରିବା ସହ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦଙ୍କୁ ଅନୁରୋଧ କରାଯାଇଛି ।

# କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ବାଂଲାଦେଶ ବିପକ୍ଷରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା  ୩୫୬ରନ୍ ଆଗୁଆ ରହିଛି । ଖେଳ ଶେଷ ବେଳକୁ ବାଂଲାଦେଶର ଦ୍ୱିତୀୟ ଇନିଂସରେ ନାଜମୁଲ ହୁସେନ ସାନ୍ତୋ ୫୧ ଏବଂ ସାକିବ୍ ଅଲ୍ ହାସନ ୫ ରନ୍ କରି ଅପରାଜିତ ରହିଛନ୍ତି । ୫୧୫ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ଆଜି ତାହାର ଦ୍ୱିତୀୟ ଇଂନିସ ଆରମ୍ଭ କରିଥିଲା । ଖେଳ ଶେଷ ସୁଦ୍ଧା ବାଂଲାଦେଶ ୪ ୱିକେଟ୍ ବିନିମୟରେ ୧୫୮ ସଂଗ୍ରହ କରିଛି । ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନୀ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଯଶପ୍ରୀତ ବୁମ୍‌ରା ଗୋଟିଏ ୱିକେଟ୍ ନେଇଛନ୍ତି ।

ପୂର୍ବରୁ ଭାରତ ଏହାର ପ୍ରଥମ ଇନିଂସରେ ୩୭୬ରନ୍ କରିଥିବା ବେଳେ ଦ୍ୱିତୀୟ ଇଂନିସଂରେ ୪ ଓ୍ୱିକେଟ୍ ବିନିମୟରେ ୨୮୭ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା । ଭାରତ ପକ୍ଷରୁ ଶୁଭମନ ଗିଲ୍ ଓ ଋଷିଭ ପନ୍ଥ ଉଭୟ ଶତକ ହାସଲ କରିଥିଲେ । ବାଂଲାଦେଶ ଏହାର ପ୍ରଥମ ଇନିଂସରେ ୧୪୯ରନ୍‌ରେ ସମସ୍ତ ଓ୍ୱିକେଟ୍ ହରାଇଥିଲା ।